# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 25 March - 2025

********************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ  ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଲେ ବାଚସ୍ପତି
- ଓଡ଼ିଶା ଗସ୍ତ ଶେଷ କରି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- କାମାକ୍ଷାନଗର ସଡ଼କ ଦୁର୍ଘଟଣାରେ ୩ ଜଣ ଶ୍ରମିକଙ୍କ ନିକଟ ସମ୍ପର୍କୀୟଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଦିଆଗଲା ୪ ଲକ୍ଷ ଟଙ୍କାର ସହାୟତା

ଏବଂ

- ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆଜିଠାରୁ ଆରମ୍ଭ ହେଲା ୨୧ ଦିନିଆ ଦଣ୍ଡଯାତ୍ରା

**BBSR/R**

## ବିଧାନସଭା- ଇଣ୍ଟ୍ରୋ

ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ ଦ୍ୱାଦଶ ଦିନରେ ବିରୋଧୀ ସଦସ୍ୟମାନଙ୍କର ହଟ୍ଟଗୋଳ ଯୋଗୁଁ ପୂର୍ବାହ୍ନର ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗଙ୍କୁ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ସଂଖ୍ୟାନୁପାତିକ ସଂରକ୍ଷଣ ଏବଂ ଜାତିଭିତ୍ତିକ ଜନଗଣନା ଦାବିରେ ବିରୋଧୀ ଦଳ ବିଜେଡି ଦାବି କରିଥିବା ବେଳେ କଂଗ୍ରେସ ଦଳର ସଦସ୍ୟମାନେ ମହିଳା ସୁରକ୍ଷାକୁ ନେଇ ଗୃହରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଥିଲେ। ଗୃହକୁ ସୁପରିଚାଳନା ପାଇଁ ବାଚସ୍ପତି ସୁରମା ପାଢ଼ି ଚାରୋଟି ପର୍ଯ୍ୟାୟରେ ଗୃହକୁ ମୁଲତବୀ ରଖିଥିଲେ। ବାଚସ୍ପତିଙ୍କ ଆହ୍ୱାନକ୍ରମେ ଏକ ସର୍ବଦଳୀୟ ବୈଠକ ଡକାଯାଇଥିଲେ ମଧ୍ୟ ସେଥିରେ କୌଣସି ନିଷ୍କର୍ଷ ବାହାରି ପାରିନଥିଲା। ଗୃହ ପରିସ୍ଥିତିରେ ସୁଧାର ନ ହେବାରୁ ବାଚସ୍ପତି ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି।

**BBSR/R**

## ବିଧାନସଭା-୧

ରାଜ୍ୟରେ ଗତ ୫ ବର୍ଷରେ ବନ୍ୟଜନ୍ତୁ ଆକ୍ରମଣରେ ୭୯୯ ଜୀବନ ଯାଇଛି ବୋଲି ଆଜି ଗୃହରେ ପଦ୍ମଲୋଚନ ପଣ୍ଡାଙ୍କ ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ କହିଛନ୍ତି। ସୂଚନା ଅନୁସାରେ, ବନ୍ୟଜନ୍ତୁଙ୍କ ଆକ୍ରମଣରେ ୧ ହଜାର ୯୬୨ ଜଣ ଆହତ

ହୋଇଛନ୍ତି । ଏଥିମଧ୍ୟରୁ ଢେଙ୍କାନାଳ ଜିଲ୍ଲାରେ ସର୍ବାଧିକ ୧୪୭ ଜଣଙ୍କର ମୃତ୍ୟୁ ଘଟିଛି । ଅନ୍ୟପକ୍ଷରେ, ଗତ ୫ ବର୍ଷ ମଧ୍ୟରେ ବିଭିନ୍ନ କାରଣ ଯୋଗୁଁ ୨ ହଜାର ୮୦୦ ବନ୍ୟଜନ୍ତୁଙ୍କର ମୃତ୍ୟୁ ଘଟିଛି ବୋଲି ଗୃହରେ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି ।

***HS***

## ବିଧାନସଭା-୨

ରାଜ୍ୟରେ ଗତ ତିନି ବର୍ଷ ମଧ୍ୟରେ ୩ ହଜାର ହେକ୍ଟର ଜଙ୍ଗଲ ଜମିରେ ନିଆଁ ଲାଗିଯିବା ବିଧାନସଭାରେ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି । ବିଧାୟକ ରମେଶ ବେହେରାଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି, ୨୦୨୧ ମସିହାରେ ୨୮ ହଜାର ୫୬୯ ହେକ୍ଟର, ୨୦୨୨ ମସିହାରେ ୮ ହଜାର ୪୩୮ ହେକ୍ଟର ଜଙ୍ଗଲରେ ନିଆଁ ଲାଗି ନଷ୍ଟ ହୋଇଛି । ୨୦୨୩ ମସିହାରେ ୯ ହଜାର ୭୧୧ ହେକ୍ଟର ଜଙ୍ଗଲ ପୋଡ଼ିପାଉଁଶ ହୋଇଯାଇଛି । ଗତ ୪ ବର୍ଷ ମଧ୍ୟରେ ମୋଟ ୫୩ ହଜାର ୮୨୦ ହେକ୍ଟର ଜଙ୍ଗଲ ନିଆଁ ଯୋଗୁଁ ସମ୍ପୂର୍ଣ୍ଣ ରୂପେ କ୍ଷତିଗ୍ରସ୍ତ ହୋଇଥିବା ନେଇ ଗୃହରେ ମନ୍ତ୍ରୀ କହିଛନ୍ତି ।

**Desk**

## ରାଷ୍ଟ୍ରପତିଙ୍କ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତ ଶେଷ କରି ଆଜି ସକାଳ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତ୍ୟାବର୍ତ୍ତନ ସମୟରେ ସମ୍ବର୍ଦ୍ଧନା

ଜ୍ଞାପନ କରିଥିଲେ। ସୂଚନାଯୋଗ୍ୟ, ରାଷ୍ଟ୍ରପତି ଗତକାଲି ନୟାଗଡ଼ କଣ୍ଟିଲୋସ୍ଥିତ ନୀଳମାଧବ ମନ୍ଦିର ଦର୍ଶନ କରିବା ସହ କାଳିଆପଲ୍ଲୀଠାରେ ଭାରତୀୟ ବିଶ୍ୱାବସୁ ସମ୍ପ୍ରଦାୟର ମହାଯଜ୍ଞରେ ସାମିଲ ହୋଇଥିଲେ।

*CTC*

## ଓଡ଼ିଶା ହାଇକୋର୍ଟ- ମୁଖ୍ୟ ବିଚାରପତି

ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ହରିସ ଟଣ୍ଡନ ଆସନ୍ତାକାଲି ଶପଥ ନେବେ। ଶପଥ ନେବା ପୂର୍ବରୁ ଜଷ୍ଟିସ ଟଣ୍ଡନ ଆଜି ପୁରୀ ଶ୍ରୀମନ୍ଦିର ଯାଇ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରିଛନ୍ତି। ରତ୍ନବେଦୀରେ ଶ୍ରୀଜୀଉମାନଙ୍କ ଦର୍ଶନ ସହିତ ପାର୍ଶ୍ୱଦେବାଦେବୀଙ୍କୁ ମଧ୍ୟ ଦର୍ଶନ କରିଥିଲେ। ଆସନ୍ତାକାଲି ପୂର୍ବାହ୍ନ ୧୦ଟାରେ ହାଇକୋର୍ଟ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପଟି' ବିଚାରପତି ହରିଶ ଟଣ୍ଡନଙ୍କୁ ମୁଖ୍ୟ ବିଚାରପତି ଭାବେ ଶପଥ ପାଠ କରାଇବେ।

*I&PR*

## ଲକ୍ଷପତି ଦିଦି

ଦେଶରେ ଲକ୍ଷପତି ଦିଦି ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରି ଓଡ଼ିଶା ଦ୍ୱିତୀୟ ସ୍ଥାନରେ ଅଛି ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଲକ୍ଷପତି ଦିଦି ଯୋଜନାରେ  ମହିଳାମାନେ ସ୍ୱାବଲମ୍ବୀ ହେବା ସହ ୧୦ ଲକ୍ଷରୁ ଅଧିକ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାଙ୍କ ଜୀବନରେ ପରିବର୍ତ୍ତନ ଆସିଛି। ଏହି ମାଇଲଖୁଣ୍ଟ ଅତିକ୍ରମ କରିବା ଗ୍ରାମୀଣ ମହିଳାଙ୍କ ଦୃଢ଼ତା,

ସ୍ଥିରତା ଏବଂ ପ୍ରତିଭାର ପ୍ରମାଣ ଦେଇଛି । ବିଶେଷ କରି ଦୂରବର୍ତ୍ତୀ ଓ ଆଦିବାସୀ ଅଞ୍ଚଳର ମହିଳାମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ନିମନ୍ତେ ଏହା ଏକ ଉତ୍ତମ ପ୍ରୟାସ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

***Desk***

# ମନ୍ କି ବାତ୍-ମତାମତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ ରବିବାର ଦିନ ଆକାଶବାଣୀରେ ପ୍ରସାରଣ ହେବାକୁ ଥିବା 'ମନ୍ କି ବାତ' କାର୍ଯ୍ୟକ୍ରମ ପାଇଁ ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ କରିଛନ୍ତି । ଚଳିତମାସର 'ମନ୍ କି ବାତ୍' କାର୍ଯ୍ୟକ୍ରମ ପାଇଁ ଅନେକ ଗୁଡ଼ିଏ ସୂଚନା ମିଳିଥିବାରୁ ପ୍ରଧାନମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି । ସମାଜର ଉନ୍ନତି ପାଇଁ ସାମୂହିକ ପ୍ରୟାସର ଶକ୍ତିକୁ ଏହା ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***DHNKL***

# ମୁଖ୍ୟମନ୍ତ୍ରୀ ରିଲିଫ୍ ସହାୟତା

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ ସଡ଼କ ଦୁର୍ଘଟଣାରେ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ତାଙ୍କର ପରିବାରବର୍ଗଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି ।

ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ କାମାକ୍ଷାନଗର– ଢେଙ୍କାନାଳ ପୂର୍ତ୍ତବିଭାଗ ରାସ୍ତାର ରେକୁଲା ସତ୍‌ସଙ୍ଗ କେନ୍ଦ୍ର ସମ୍ମୁଖରେ ରାସ୍ତାକାମ ଚାଲିଥିବା ବେଳେ ଏଥିରେ ନିୟୋଜିତ ଶ୍ରମିକମାନଙ୍କୁ ଏକ ହାଇଓ୍ୱା ଧକ୍କା ଦେଇଥିଲା ।

*Desk*

## ହାଇକୋର୍ଟ– ଧାନ ବିକ୍ରି

ଚାଷୀମାନେ ଯେପରି ସଶକ୍ତ ଏବଂ ସମୃଦ୍ଧ ହୋଇପାରିବେ ସେଥିପାଇଁ ରାଜ୍ୟ ସରକାର ଯତ୍ନବାନ ହେବାକୁ ଓଡ଼ିଶା ହାଇକୋର୍ଟ ପରାମର୍ଶ ଦେଇଛନ୍ତି । ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଏବଂ ସଂଗ୍ରହ ପ୍ରକ୍ରିୟା ସରଳୀକରଣ ହେବା ନେଇ ରାଜ୍ୟ ସରକାର ଚାଷୀଙ୍କ ସ୍ୱାର୍ଥପ୍ରତି ସମ୍ବେଦନଶୀଳ ହେବାକୁ ହାଇକୋର୍ଟ କହିଛନ୍ତି । ହାଇକୋର୍ଟ ରାଜ୍ୟ ସରକାରଙ୍କ ଧାନ ପଞ୍ଜୀକରଣ ପାଇଁ ପ୍ରଚଳିତ ହୋଇଥିବା ଅନଲାଇନ୍ ନୀତିକୁ ପ୍ରଶଂସା କରିଛନ୍ତି । ଏହି ବ୍ୟବସ୍ଥାରେ ଜଣେ ଚାଷୀ ସେଥିରୁ ଯେପରି ବଞ୍ଚିତ ନ ହୁଏ ସେ ଦିଗରେ ଦୃଷ୍ଟି ଦେବାକୁ ହାଇକୋର୍ଟ କହିଛନ୍ତି । ଧାନ ପଞ୍ଜୀକରଣ ସମୟରେ ରାଜ୍ୟ ସମବାୟ ଏବଂ କୃଷି ବିଭାଗ ସମସ୍ତ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ, ନିକଟରେ ସମ୍ବଲପୁରର କେତେକ ଚାଷୀ ଅନଲାଇନ୍ ଜରିଆରେ ଧାନ ବିକ୍ରି ପାଇଁ ନିଜ ନାମ ପଞ୍ଜୀକରଣ କରିବାରୁ ବଞ୍ଚିତ ହେବାରୁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ମାମଲାର ବିଚାର କରି ରାୟ ଦେଇଛନ୍ତି ।

***Ganjam***

## ଦଣ୍ଡଯାତ୍ରା

ଗଞ୍ଜାମ ଜିଲ୍ଲାର ବିଭିନ୍ନ ଦଣ୍ଡକାଳୀ ମନ୍ଦିରରେ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ ସହ ପାରମ୍ପରିକ ୨୧ ଦିନିଆ ଦଣ୍ଡଯାତ୍ରା  ଆଜିଠାରୁ ଆରମ୍ଭ ହୋଇଛି । ମାନସିକଧାରୀ ଦଣ୍ଡୁଆମାନେ ବିଧି ଅନୁଯାୟୀ, ବିଭିନ୍ନ ଶକ୍ତିପୀଠମାନଙ୍କରେ ପହଁଞ୍ଚିଛନ୍ତି । ୨୧ ଦିନ ଧରି ଜିଲ୍ଲାର ବ୍ରହ୍ମପୁର, ଆସିକା, ଭଞ୍ଜନଗର, ଖଲ୍ଲିକୋଟ, କବିସୂର୍ଯ୍ୟନଗର, ସୋରଡ଼ା, ଗଞ୍ଜାମ, ରମ୍ଭା ଆଦି ଅଞ୍ଚଳରେ ଏହି ଯାତ୍ରା ପାଳନ କରାଯାଉଛି । ମାନସିକଧାରୀ ପାଣିଦଣ୍ଡ, ଧୂଳିଦଣ୍ଡ ଏବଂ ଅଗ୍ନିଦଣ୍ଡ କରି ଗ୍ରାମ ପରିକ୍ରମା କରିବେ । ସୂଚନାଯୋଗ୍ୟ, ମୀନ ସଂକ୍ରାନ୍ତି ପରେ ଏହି ପର୍ବ ଆରମ୍ଭ ହେବା ସହ ମେଷ ସଂକ୍ରାନ୍ତି ଦିନ ମେରୁଯାତ୍ରାର ପୂର୍ଣ୍ଣାହୂତି ହୋଇଥାଏ ।

***Ganjam/Puri***

## ଚୈତ୍ର ମଙ୍ଗଳବାର

ରାଜ୍ୟର ବିଭିନ୍ନ ଦେବୀପୀଠ ଗୁଡ଼ିକରେ ଆଜି ଚୈତ୍ରମାସର ଦ୍ୱିତୀୟ ମଙ୍ଗଳବାରରେ ଦେବୀଙ୍କର ପୂଜାର୍ଚ୍ଚନା ସହ ଭକ୍ତମାନଙ୍କର ଗହଳି ଦେଖିବାକୁ ମିଳୁଛି । ପୁରୀ ଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳାଙ୍କ ପୀଠଙ୍କ ପୀଠରେ ଆଜି ପ୍ରତ୍ୟୁଷରେ ସ୍ନାନମାର୍ଜନା, ସୂର୍ଯ୍ୟପୂଜା,

ବଲ୍ଲଭ ନୀତି ପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ସମୟରେ ମା’ ଶାରଳାଙ୍କ ପୀଠରୁ ଆସିଥିବା ଘଣ୍ଟ, ପଟୁଆମାନେ ପ୍ରାଚୀ ନଦୀରୁ ପାଣି ନେଇ ମା’ଙ୍କ ସମ୍ମୁଖରେ ନୃତ୍ୟ କରିବେ। ପରମ୍ପରା ଅନୁସାରେ, ଆଜି ପନ୍ତେଇ ପୂଜା ଓ ଓଷା ପାଳନ କରାଯାଉଛି।

ଦକ୍ଷିଣ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରିଣୀ ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେଉଛନ୍ତି। ବିଳମ୍ବିତ ରାତ୍ରିରେ ଦ୍ୱାରଫିଟା ନୀତି ସଂପନ୍ନ ହେବା ପରେ ଅବକାଶ, ମଙ୍ଗଳ ଆଳତୀ ଏବଂ ଶୃଙ୍ଗାର କରାଯିବା ପରେ ସାହାଣ ମେଳା କରାଯାଇଥିଲା । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଓ ମାନସିକଧାରି ମା’ଙ୍କ ପୀଠରେ ପହଞ୍ଚିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

***Puri***

## ଶଙ୍କରାଚାର୍ଯ୍ୟଙ୍କ ପୁରୀ ଗସ୍ତ

କାଶୀପୀଠ ଶଙ୍କରାଚାର୍ଯ୍ୟ ଜଗତଗୁରୁ ସ୍ୱାମୀ ନରେନ୍ଦ୍ର ନନ୍ଦ ସରସ୍ୱତୀ ଆଜି ପୁରୀ ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧା ବିଗ୍ରହ ଓ ପାର୍ଶ୍ୱ ଦେବାଦେବୀଙ୍କୁ ଦର୍ଶନ କରିଛନ୍ତି। ୭ ଜଣ ଶିଷ୍ୟଙ୍କ ସହିତ କାଶୀପୀଠ ଶଙ୍କରାଚାର୍ଯ୍ୟ ମହାପ୍ରଭୁଙ୍କୁ ଦର୍ଶନ ପରେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଶ୍ରୀମନ୍ଦିରର ଦର୍ଶନ ଶ୍ରେଷ୍ଠ। ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

*Sonepur*

## ଜଗନ୍ନାଥ ମହୋତ୍ସବ

ସୁବର୍ଣ୍ଣପୁରର ସ୍ୱର୍ଣ୍ଣ ପ୍ରୟାଗ ରାମେଶ୍ୱରଠାରେ ସପ୍ତାହବ୍ୟାପୀ ଚାଲିଥିବା ଜଗନ୍ନାଥ ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ଜଗନ୍ନାଥ ସଂସ୍କୃତି ଓ ଚେତନାର ବିସ୍ତାର ଲକ୍ଷ୍ୟରେ ଶ୍ରୀଜଗନ୍ନାଥଙ୍କ ଦୁର୍ଲଭ ୩୨ ବେଶ, ପଞ୍ଚକୁଣ୍ଡୀୟ ଘୃତଯଜ୍ଞ ସହ ରାମେମଶ୍ୱର ନିତ୍ୟାପୁଞ୍ଜରେ ଚାଲିଥିବା ଚବିଶ ପ୍ରହରୀ ନାମଯଜ୍ଞର ପୂର୍ଣ୍ଣାହୂତି ପଡ଼ିଛି। ୭ ଦିନ ଧରି ଅନୁଷ୍ଠିତ ଜଗନ୍ନାଥ ମହୋତ୍ସବରେ ବହୁ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା। ଏହି ଅବସରରେ ଦାରୁବ୍ରହ୍ମ ସ୍ମରଣିକା ଉନ୍ମୋଚନ ହୋଇଛି।

*HS*

## ପାଣିପାଗ

ରାଜ୍ୟରେ ପଶ୍ଚିମାଝଡ଼ ପ୍ରଭାବ କମିଯାଇଥିବା ବେଳେ ଆଜିଠାରୁ ଶୁକ୍ରବାର ପର୍ଯ୍ୟନ୍ତ ପାଣିପାଗ ସମ୍ପର୍କିତ କୌଣସି ସତର୍କ ସୂଚନା ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଚଳିତ ସପ୍ତାହର ଶେଷ ଆଡ଼କୁ ସମ୍ବଲପୁର, ସୋନପୁର, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରେ ତାପମାତ୍ରା ବୃଦ୍ଧି ପାଇବ। ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ଦୁଇରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି। ଅନ୍ୟପକ୍ଷରେ ଗତକାଲି କାଳବୈଶାଖୀ ଜନିତ ବର୍ଷାରେ ଜଗତସିଂହପୁର ଜିଲ୍ଲାର ବାଲିକୁଦାରେ ସର୍ବାଧିକ ୩୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।